# NATIONAL NEWS BULLETIN (ODIA)

## 1 October - 2025

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ପଞ୍ଜାବର ବନ୍ୟାପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ମଧ୍ୟରେ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ଆଜିଠାରୁ କାର୍ଯ୍ୟକାରୀ
- ପ୍ରେସିଡେନ୍ସ ବଡିଗାର୍ଡ ସେବା କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଅବଦାନ ପାଇଁ ହୀରକ ଜୟନ୍ତୀ ରୌପ୍ୟ ତୂରୀ ଓ ଟ୍ରମ୍ପେଟ୍ ବ୍ୟାନର ପ୍ରଦାନ କଲେ ରାଷ୍ଟ୍ରପତି
- ଭାରତୀୟ ରିଜର୍ଭ ବ୍ୟାଙ୍କ ଆଜି ଘୋଷଣା କରିବା ତ୍ରୈମାସିକ ମୁଦ୍ରାନୀତି

ଏବଂ

- ଆଇସିସି ମହିଳା ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫୯ ରନ୍‌ରେ ପରାସ୍ତ କଲା ଭାରତ

# ଏମ୍ଏଚ୍-ପଞ୍ଜାବ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପଞ୍ଜାବର ବନ୍ୟା ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ ଭଗଓ୍ୱତ ସିଂ ମାନ୍ ଗତସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଶ୍ରୀ ଶାହାଙ୍କୁ ଭେଟି ଆଲୋଚନା କରିଛନ୍ତି । ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି ସଂପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହାଙ୍କୁ ଅବଗତ କରାଇବା ସହ ବିପର୍ଯ୍ୟୟ ସହାୟତା ଓ ପୁନରୁଦ୍ଧାର ପାଇଁ ଅତିରିକ୍ତ ପାଣ୍ଠି ଦାବି କରିଛନ୍ତି । ବୈଠକ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାନ୍ଙ୍କୁ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି ସଂପର୍କରେ ଅବଗତ କରାଯାଇଛି । ପଞ୍ଜାବ ପାଇଁ ୧୨ ହଜାର ୫ଶହ ଅଣାନବେ କୋଟି ଟଙ୍କାରୁ ଅଧିକ ପାଣ୍ଠି ଏସ୍ଡିଆରଏଫ୍ରେ ରହିଥିବା ନେଇ ସୂଚନା ପ୍ରଦାନ କରାଯାଇଛି । ପ୍ରଭାବିତ ଲୋକଙ୍କୁ ରିଲିଫ୍ ଏବଂ ପୁନରୁଦ୍ଧାର ପାଇଁ ଏହାକୁ ବ୍ୟବହାର କରାଯାଇ ପାରିବ ବୋଲି କୁହାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ଗତମାସ ୯ ତାରିଖରେ ପ୍ରଧାନମନ୍ତ୍ରୀ ପଞ୍ଜାବ ଗସ୍ତ କରିବା ଅବସରରେ ରାଜ୍ୟର ବନ୍ୟା ପରିସ୍ଥିତି ଏବଂ କ୍ଷୟକ୍ଷତିର ସମୀକ୍ଷା କରିଥିଲେ । ଶ୍ରୀ ମୋଦୀଙ୍କ ଦ୍ୱାରା ଘୋଷିତ ୧୬ଶହ କୋଟି ଟଙ୍କାର ଆର୍ଥିକ ସହାୟତା ମଧ୍ୟରୁ ୮୦୫ କୋଟି ଟଙ୍କା ଇତିମଧ୍ୟରେ ରାଜ୍ୟ ସରକାର ଏବଂ ସଂପୃକ୍ତ ହିତାଧିକାରୀଙ୍କୁ ପ୍ରଦାନ କରାଯାଇ ସାରିଛି ।

# ଇଣ୍ଡିଆ-ଟିଇପିଏ

ଭାରତ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ମଧ୍ୟରେ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ଆଜିଠାରୁ କାର୍ଯ୍ୟକାରୀ ହେଉଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଗତବର୍ଷ ମାର୍ଚ୍ଚ ୧୦ ତାରିଖରେ ନୂଆଦିଲ୍ଲୀଠାରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଆନ୍ତର୍ଜାତିକ ସ୍ତରରେ ବାଣିଜ୍ୟ ବୃଦ୍ଧି ପାଇଁ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଗୋଷ୍ଠୀ ଭାବେ କାର୍ଯ୍ୟ କରିଥାଏ । ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଉଛନ୍ତି- ଆଇସ୍‌ଲ୍ୟାଣ୍ଡ, ଲିଚେନ୍‌ଷ୍ଟାଇନ୍, ନରୱେ ଏବଂ ସ୍ୱିଜରଲ୍ୟାଣ୍ଡ । ଏହି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୁଇଜରଲ୍ୟାଣ୍ଡ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର । ଏହାପରକୁ ନରୱେ ରହିଛି । ନିବେଶ ଏବଂ ନିଯୁକ୍ତିକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ଏହି ଚୁକ୍ତିନାମା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘର ବଜାରରେ ଶତପ୍ରତିଶତ ଅଣକୃଷି ଉତ୍ପାଦ ଏବଂ ପ୍ରକ୍ରିୟାକୃତ କୃଷି ଉତ୍ପାଦ ଉପରେ ଶୁଳ୍କ ରିହାତି ସୁବିଧା ରହିଛି । ଚୁକ୍ତିନାମା ଅନୁଯାୟୀ, ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୧୦୦ ବିଲିୟନ୍ ଆମେରିକୀୟ ଡଲାର ନିବେଶର ଆଶା କରାଯାଉଛି । ଏହାଦ୍ୱାରା ୧୦ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ର ସୃଷ୍ଟି ହୋଇପାରିବ ।

## ପ୍ରେଜ୍-ପିବିଜି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ୭୫ ବର୍ଷର ଗୌରବମୟ ଅଙ୍ଗରକ୍ଷୀ ସେବା କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ହୀରକ ଜୟନ୍ତୀ ରୌପ୍ୟ ତୁରୀ ଓ ଟ୍ରମ୍ପେଟ୍  ବ୍ୟାନର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରେ ଗତକାଲି ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ପ୍ରେସିଡେନ୍ସ ବଡିଗାର୍ଡ-ପିବିଜି ସେବା ବ୍ୟବସ୍ଥା ୧୯୫୦ ମସିହାରୁ ଚାଲୁ ରହିଛି । ଅଙ୍ଗରକ୍ଷକମାନଙ୍କ ବୃତ୍ତିଗତ କାର୍ଯ୍ୟଦକ୍ଷତା ଏବଂ ମିଲିଟାରୀ କାର୍ଯ୍ୟଧାରା ଅନୁଯାୟୀ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଆସୁଥିବାରୁ ରାଷ୍ଟ୍ରପତି ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଡେ-ଓଲ୍ଡର ପର୍ସନ୍ସ

ବରିଷ୍ଠ ନାଗରିକଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ଦିବସ ପାଳନ କରାଯାଉଛି । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମନ୍ତ୍ରଣାଳୟ କହିଛି, ବରିଷ୍ଠ ନାଗରିକଙ୍କ ପାଇଁ ଏକ ମର୍ଯ୍ୟାଦାପୂର୍ଣ୍ଣ ଏବଂ ସକ୍ଷମ ଇକୋ ସିଷ୍ଟମ୍ ସୃଷ୍ଟି କରିବା କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରିବ । **ବୟସ୍କଙ୍କୁ ମର୍ଯ୍ୟାଦା** ପ୍ରସଙ୍ଗ ଆଧାରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସହଯୋଗ, ନବସୃଜନ ଏବଂ କଲ୍ୟାଣକାରୀ

ପଦକ୍ଷେପ ମାଧ୍ୟମରେ ବରିଷ୍ଠ ନାଗରିକଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି କାର୍ଯ୍ୟକ୍ରମ ଏକ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ, ଟେଲି କମ୍ୟୁନିକେସନ କନ୍‌ସୁଲ୍‌ଟାନ୍ସ ଇଣ୍ଡିଆ ଲିମିଟେଡ୍ ଏବଂ ବିର୍ଲା ଓପନ୍ ମାଇଣ୍ଡ୍‌ସ ଫାଉଣ୍ଡେସନ ମଧ୍ୟରେ ଏହି ଅବସରରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଥିବା ନେଇ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଆର୍‌ବିଆଇ ମନିଟାରୀ ନୀତି

ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର୍‌ବିଆଇ ଆଜି ଏହାର ତ୍ରୈମାସିକ ମୁଦ୍ରାନୀତି ଘୋଷଣା କରିବ । ଆର୍ଥିକ ପରିସ୍ଥିତି ସମୀକ୍ଷା ତଥା ମୁଦ୍ରାନୀତି ହାର ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ଆର୍‌ବିଆଇର ମୁଦ୍ରାନୀତି କମିଟି ବୈଠକ ଅନୁଷ୍ଠିତ ହେଉଛି । ମୁମ୍ବାଇଠାରେ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ବୈଠକ ଆଜି ଶେଷ ହେବ । ଆରବିଆଇ ଗଭର୍ଣ୍ଣର ସଂଜୟ ମାଲହୋତ୍ରା ପୂର୍ବାହ୍ନରେ ମୁଦ୍ରାନୀତି ସଂପର୍କିତ ନିଷ୍ପତ୍ତି ଘୋଷଣା କରିବାର ସମ୍ଭାବନା ରହିଛି । ସଂଶୋଧିତ ମୁଦ୍ରାନୀତିକୁ ବ୍ୟାବସାୟିକ କ୍ଷେତ୍ର, ନୀତି ନିର୍ଦ୍ଧାରକ ପ୍ରତୀକ୍ଷା କରିଛନ୍ତି । ଘୋଷଣା ହେବାକୁ ଥିବା ମୁଦ୍ରାନୀତି ଦ୍ୱାରା ସୁଧହାର ଏବଂ ସାମଗ୍ରିକ ଅର୍ଥନୈତିକ କାର୍ଯ୍ୟକଳାପରେ ପ୍ରଭାବ ଅନୁଭୂତ ହେବାର ଆଶା କରାଯାଉଛି । ଗତ ଅଗଷ୍ଟ ମାସରେ

ମୁଦ୍ରାନୀତି କମିଟି ବୈଠକରେ ରେପୋ ହାରକୁ ୫ ଦଶମିକ ୫ ପ୍ରତିଶତରେ ଅପରିବର୍ତ୍ତିତ ରଖାଯାଇଥିଲା ।

# ସେବାପର୍ବ-ଭାରତର ଗର୍ବ ଶୁଭାଂଶୁ ଶୁକ୍ଲା

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଶୁଣିବା ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀର ସଫଳତା ସଂପର୍କରେ ।

**Seba Parba Opening**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବୈଶ୍ୱିକ ସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି । ୨୦୨୩ରେ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଦକ୍ଷିଣ ବିଶ୍ୱର ମର୍ଯ୍ୟାଦା ବୃଦ୍ଧି ପାଇଥିଲା । ଏହି ସମ୍ମିଳନୀରେ ଆଫ୍ରିକୀୟ ସଂଘର ସଦସ୍ୟତା ଏବଂ ବିଶ୍ୱ ଜୈବ ଇନ୍ଧନ ମେଣ୍ଟର ଶୁଭାରମ୍ଭ ହୋଇଥିଲା । ବସୁଧୈବ କୁଟୁମ୍ବକମ୍ ଭାରତ ସଭ୍ୟତାର ମୂଳ ଆଧାର ଏବଂ ବିଶ୍ୱ ସହଯୋଗର ଇଚ୍ଛାକୁ ଏହା ପ୍ରତିଫଳିତ କରିଥିଲା । ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ନୀତିଗତ ସମନ୍ୱୟ, ନିର୍ଭରଯୋଗ୍ୟ ବାଣିଜ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ଉପରେ ଧ୍ୟାନ ଦେଇ ନୂଆଦିଲ୍ଲୀ

ଘୋଷଣାପତ୍ର ପ୍ରକାଶିତ ହୋଇଥିଲା । ବିଭିନ୍ନ ପରିସ୍ଥିତି ସତ୍ତ୍ୱେ ସମସ୍ତ ୨୦ଟିଯାକ ରାଷ୍ଟ୍ର ଏହି ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ ।

ଜି-୨୦ର ସ୍ଥାୟୀ ସଦସ୍ୟ ଭାବେ ଆଫ୍ରିକୀୟ ସଂଘକୁ ସାମିଲ କରିବା ଦ୍ୱାରା ବିଶ୍ୱ ଜନସଂଖ୍ୟାର ୮୦ ପ୍ରତିଶତ ଲୋକଙ୍କ ପାଖରେ ଜି-୨୦ ଚିନ୍ତାଧାରା ପହଞ୍ଚି ପାରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ଅଧ୍ୟକ୍ଷତା ସମୟରେ କ୍ଷୁଦ୍ର ରାଷ୍ଟ୍ରଗୁଡ଼ିକ ସେମାନଙ୍କର ସାମୂହିକ ସ୍ୱାର୍ଥକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଜି-୨୦ ଏକ ମଞ୍ଚ ପ୍ରଦାନ କରିଥିଲା ।

**V/O-PM**

ଦେଶର ବିଭିନ୍ନ ଐତିହାସିକ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମମାନ ଭାରତର ବିବିଧ ପରମ୍ପରା ଏବଂ କଳାତ୍ମକ ସଂସ୍କୃତିକୁ ଉଜ୍ଜ୍ୱଳ କରିଥିଲା ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମହେନ୍ଦ୍ର କୁମାର ମାଝୀ

**Seba Parba Closing**

# ଆର୍‌ବିଆଇ-ଇନ୍‌ଅପରେଟିଭ୍ ଆକାଉଣ୍ଟ୍‌ସ

ଭାରତୀୟ ରିଜର୍ଭବ୍ୟାଙ୍କ ହିତାଧିକାରୀଙ୍କ ଅଚଳ ବ୍ୟାଙ୍କ ଖାତା ଏବଂ ଦାବିଦାର ନଥିବା ଜମାଖାତା ସଚଳ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି । ୧ବର୍ଷର ସମୟ ଅବଧି ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ

କରାଯିବ । ଆଜିଠାରୁ ଆରମ୍ଭ ହେଉଥିବା ଏହି ସମୟସୀମା ଆସନ୍ତାବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆରବିଆଇ କହିଛି । ଏ ସଂକ୍ରାନ୍ତରେ ଆରବିଆଇ ପକ୍ଷରୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ତେବେ ଦାବିଦାର ବିହୀନ ଜମାକାରୀଙ୍କ ଅର୍ଥ ଡିଇଏ ଫଣ୍ଡକୁ ସ୍ଥାନାନ୍ତର କରାଯିବ ବୋଲି ଆରବିଆଇ କହିଛି ।

# ଫିଲିପାଇନ୍ସ କ୍ୱାକ୍

କେନ୍ଦ୍ରୀୟ ଫିଲିପାଇନ୍ସରେ ଅନୁଭୂତ ଭୂକମ୍ପରେ ମୃତ୍ୟୁସଂଖ୍ୟା ୨୨ରେ ପହଞ୍ଚିଛି ।ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୬ ଦଶମିକ ୯ ଥିବା ଜଣାପଡ଼ିଛି । ସେବୁ ପ୍ରାଦେଶିକ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ଗତ ରାତିରେ ଏହି ଭୂକମ୍ପରେ ବହୁ କ୍ଷୟକ୍ଷତି ହୋଇଛି । ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି । ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି । ସେବୁ ପ୍ରଦେଶର ବୋଗାଠାରୁ ପ୍ରାୟ ୧୭ କିଲୋମିଟର ଉତ୍ତର-ପୂର୍ବରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ଆକଳନ କରାଯାଇଛି ।

# ୱିମେନ୍ ୱାର୍ଲଡ କପ୍

ଆଇସିସି ମହିଳା ଏକଦିବସୀୟ ଦିନିକିଆ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଭାରତ’ ଶ୍ରୀଲଙ୍କା ବିପକ୍ଷରେ ୫୯ ରନ୍‌ରେ ବିଜୟୀ ହୋଇଛି । ଗୁଆହାଟୀଠାରେ ଖେଳାଯାଇଥିବା ବର୍ଷାବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୫୦ ଓଭର୍ ପରିବର୍ତ୍ତେ ମ୍ୟାଚ୍ ୪୭ ଓଭର୍‌ରେ ସୀମିତ ରଖାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ୮ ୱିକେଟ୍ ବିନିମୟରେ ୨୬୯ ରନ୍ ସଂଗ୍ରହ କରିଥିଲା । ଅମନଜ୍ୟୋତ କୌର ଦଳ ପକ୍ଷରୁ ୫୭ ରନ୍ ସଂଗ୍ରହ କରିଥିଲେ । ଡକ୍‌ୱର୍ଥ ଲୁଇସ୍ ନିୟମ ଅନୁଯାୟୀ ଶ୍ରୀଲଙ୍କା ସମ୍ମୁଖରେ ୨୭୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଶ୍ରୀଲଙ୍କା ୪୫ ଓଭର୍ ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୧୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତର ଦୀପ୍ତି ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଟୁର୍ଣ୍ଣାମେଣ୍ଟର ଏହି ତ୍ରୟୋଦଶ ସଂସ୍କରଣରେ ୮ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ଭାରତ ସମେତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ ଭାଗ ନେଉଛନ୍ତି ।

ଦଳଗୁଡ଼ିକ ମଧ୍ୟରେ ଭାରତର ୪ଟି ସ୍ଥାନରେ ଏବଂ କଲମ୍ବୋର ଗୋଟିଏ ସ୍ଥାନରେ ୨୮ଟି ଲିଗ୍ ମ୍ୟାଚ୍ ଖେଳାଯିବ । ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତା ୫ ତାରିଖରେ କଲମ୍ବୋରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗ୍ରୁପ୍ ପର୍ଯ୍ୟାୟ ଶେଷରେ ୪ଟି ଦଳ ସେମିଫାଇନାଲ୍‌କୁ ଉନ୍ନିତ ହେବେ ।